# REGIONAL NEWS UNIT, AIR CUTTACK

**Morning Bulletin (7.05 AM)**

**15 December – 2025**

# ପ୍ରଧାନ ବିଚାରପତି

ସାଧାରଣ ଲୋକଙ୍କ ଉପରୁ ଚାପ ହ୍ରାସ କରି ଅନିଶ୍ଚିତତା  ଦୂର କରିବା ଏବଂ ସାଧାରଣ ଲୋକଙ୍କ ସମ୍ମାନ ରକ୍ଷା କରିବା ନ୍ୟାୟପାଳିକାର ଲକ୍ଷ୍ୟହେବା ଆବଶ୍ୟକ ବୋଲି ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ କହିଛନ୍ତି । ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏସନ୍ ପକ୍ଷରୁ କଟକ ଶହୀଦଭବନରେ ଆୟୋଜିତ ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଜଷ୍ଟିସ୍ ସୂର୍ଯ୍ୟକାନ୍ତ କହିଛନ୍ତି, ନ୍ୟାୟାଳୟରେ ପଡ଼ିରହିଥିବା ମାମଲାଗୁଡ଼ିକର ପରିମାଣ ହ୍ରାସ କରିବା ପାଇଁ ଆଇନଜୀବୀମାନେ ଉଭୟ ପକ୍ଷଙ୍କୁ ମଧ୍ୟସ୍ଥତା ଜରିଆରେ ଆପୋଷ ବୁଝାମଣା କରି ସମାଧାନ କରିବାକୁ ଚେଷ୍ଟା କରିବା ଉଚିତ। ବୈଷୟିକ ଜ୍ଞାନକୌଶଳର ଉପଯୋଗ ଦ୍ୱାରା ନ୍ୟାୟିକ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଥିବା ପ୍ରଧାନ ବିଚାରପତି କହିଛନ୍ତି ।

# ଫାର୍ମା ସମ୍ମିଳନୀ

ଔଷଧ ଏବଂ ଚିକିତ୍ସା ଉପକରଣ ନିର୍ମାତା, ଷ୍ଟାର୍ଟଅପ୍ ଉଦ୍‌ଭାବକ ଏବଂ ଅଂଶୀଦାରମାନଙ୍କୁ ନେଇ ଆସନ୍ତାକାଲି ଭୁବନେଶ୍ୱରରେ  ଓଡ଼ିଶା ଫାର୍ମା ସମ୍ମିଳନୀ ୨୦୨୫ ଅନୁଷ୍ଠିତ ହେବ । ସୂଚନା ଅନୁଯାୟୀ, ସମ୍ମିଳନୀରେ

ଓଡ଼ିଶା ଔଷଧ ଏବଂ ଚିକିତ୍ସା ଉପକରଣ ନୀତି ୨୦୨୫ ଉନ୍ମୋଚନ ହେବାର କାର୍ଯ୍ୟସୂଚୀ ରହିଛି । ଫାର୍ମା କ୍ଷେତ୍ରରେ ନିବେଶ ବୃଦ୍ଧି, ବ୍ୟବସାୟ କରିବାର ସହଜତା ଏବଂ ଜୀବବିଜ୍ଞାନ କ୍ଷେତ୍ରରେ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ନେଇ ସମ୍ମିଳନୀରେ ଆଲୋଚନା ହେବ । ଏହି ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ଓ ଶିଳ୍ପମନ୍ତ୍ରୀ ସମ୍ପଦଚନ୍ଦ୍ର ସ୍ୱାଇଁ ପ୍ରମୁଖ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। କାର୍ଯ୍ୟକ୍ରମରେ ରାଜ୍ୟ ସରକାର ଏବଂ କେତେକ କମ୍ପାନୀଗୁଡ଼ିକ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହେବାର ସମ୍ଭାବନା ରହିଛି।

## ହାକାଥନ

ଦେଶରେ ସୁରକ୍ଷିତ, ସମନ୍ୱିତ ଏବଂ ପ୍ରଯୁକ୍ତିବିଦ୍ୟା ଭିତ୍ତିକ ଜଳ ଭବିଷ୍ୟତ ନିର୍ମାଣ କରିବା ଲାଗି ଜଳଶକ୍ତି ହାକାଥନ-୨୦୨୫ର ଶୁଭାରମ୍ଭ ହୋଇଛି । କେନ୍ଦ୍ର ଜଳଶକ୍ତିମନ୍ତ୍ରୀ ସିଆର୍ ପାଟିଲ୍ ଏହାର ଶୁଭାରମ୍ଭ କରି ୨୦୪୭ ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟ ପୂରଣ ଦିଗରେ ଭାରତର ଜଳକ୍ଷେତ୍ର ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି କହିଛନ୍ତି । ଏହାକୁ ଏକ ଜାତୀୟ ଆନ୍ଦୋଳନ ଭାବେ ବର୍ଣ୍ଣନା କରି ଷ୍ଟାର୍ଟଅପ୍, ଶିଳ୍ପ, ବୈଜ୍ଞାନିକ, ଇଞ୍ଜିନିୟର ଏବଂ ନାଗରିକ ବୈଜ୍ଞାନିକମାନଙ୍କୁ ସେମାନଙ୍କ ଉଦ୍‌ଭାବନ ଆଧାରିତ ପ୍ରସ୍ତାବ ଦାଖଲ କରିବାକୁ ମନ୍ତ୍ରୀ ଶ୍ରୀ ପାଟିଲ ଆହ୍ୱାନ ଦେଇଛନ୍ତି ।

# ମେଘନାଦ ପାଚେରୀ

ପୁରୀ ଶ୍ରୀମନ୍ଦିର ମେଘନାଦ ପାଚେରୀରେ ପାଣି ଝରିବା ସଂପର୍କରେ ମୁଖ୍ୟ ପ୍ରଶାସକ ଡକ୍ଟର ଅରବିନ୍ଦ ପାଢ଼ୀ ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗକୁ ଜରୁରୀ ମରାମତି ପାଇଁ ପଦକ୍ଷେପ ନେବାକୁ ପ୍ରସ୍ତାବ ଦେଇଛନ୍ତି । ପାଣି ଝରିବାର କାରଣ ଏବଂ ଏହାର ସ୍ଥାୟୀ ନିରାକରଣ ଉପରେ ମୁଖ୍ୟ ପ୍ରଶାସକ ଗୁରୁତ୍ୱ ଆରୋପ କରିଛନ୍ତି । ସୂଚନାଯୋଗ୍ୟ, ଗତବର୍ଷ ମେଘନାଦ ପାଚେରୀରେ ପାଣି ଝରିବା ଜଣାପଡ଼ିବା ପରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ମରାମତି କରାଯାଇଥିଲା ।

# ମେଳା

ସୁବର୍ଣ୍ଣପୁର ରୟାଲ୍ ପଡ଼ିଆଠାରେ ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଅନୁଷ୍ଠିତ ହୋଇଯାଇଛି । ବିଧାୟକ ରଘୁନାଥ ଜଗଦଳା ମୁଖ୍ୟଅତିଥି ଭାବେ ଯୋଗଦେଇ ଜିଲ୍ଲା ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ କ୍ଷେତ୍ରରେ ରାଜ୍ୟରେ ପ୍ରଥମ ସ୍ଥାନ ହାସଲ କରିଥିବାରୁ ଶୁଭେଚ୍ଛା ଜଣାଇବା ସହ ଏହି ବିକାଶଧାରାକୁ ଜାରି ରଖିବା ଲାଗି କହିଛନ୍ତି । ମେଳାରେ ୩୦ଟି ମଣ୍ଡପରେ ବିଭିନ୍ନ ସରକାରୀ ଯୋଜନାଗୁଡ଼ିକ ସଂପର୍କରେ ପ୍ରଦର୍ଶନ କରାଯାଇଥିଲା । କାର୍ଯ୍ୟକ୍ରମରେ ୩ ଜଣ ଚାଷୀ ଓ ଗୋଟିଏ ମହିଳା ସ୍ୱୟଂସହାୟକ ଦଳକୁ ସମ୍ମାନିତ କରାଯାଇଥିଲା ।

## ଢ଼େଙ୍କାନାଳ ମହୋତ୍ସବ

ଢେଙ୍କାନାଳ ମହୋତ୍ସବ ପାଳନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଆସନ୍ତା ମାସ ୨୦ରୁ ୨୪ ତାରିଖ ପର୍ଯ୍ୟନ୍ତ ଢ଼େଙ୍କାନାଳ ମହୋତ୍ସବ ପାଳନ କରାଯିବାକୁ ସ୍ଥିର କରାଯାଇଛି । ନିଷ୍ପତ୍ତି ଅନୁଯାୟୀ ଜାନୁଆରୀ ୫ ତାରିଖରୁ କପିଳାସରୁ ମଶାଲ ଶୋଭାଯାତ୍ରା ଜିଲ୍ଲାର ସମସ୍ତ ବ୍ଲକ ପରିକ୍ରମା କରିବା ସହ ୨୦ ତାରିଖରେ ମହିଷାପାଟ ପଡ଼ିଆରେ ମହୋତ୍ସବ ଆରମ୍ଭ ହେବ ।

## ମଣ୍ଡେଇ

ନବରଙ୍ଗପୁର ଜିଲ୍ଲାର ଲୋକ ମହୋତ୍ସବ **ମଣ୍ଡେଇ** ବିକଶିତ ଭାରତ ଗଠନ କ୍ଷେତ୍ରରେ ଏକ ମାଧ୍ୟମ ହେବ ବୋଲି ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକ କହିଛନ୍ତି । ମଣ୍ଡେଇର ଉଦ୍‌ଯାପନ ଉତ୍ସବରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ନାୟକ ମଣ୍ଡେଇ ମହୋତ୍ସବକୁ କଳା, ସଂସ୍କୃତି ଓ ଆତ୍ମନିର୍ଭର ଭାରତ ଗଠନର ପ୍ରତିରୂପ ହେଉ ବୋଲି ଆଶା ପୋଷଣ କରିଛନ୍ତି । ଉଦ୍‌ଯାପନୀ ଉତ୍ସବରେ ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ସାଂସଦ ବଳଭଦ୍ର ମାଝୀ ପ୍ରମୁଖ ଯୋଗଦେଇ ଜିଲ୍ଲାର ୮ଜଣ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ଲାପ୍‌ଟପ୍ ପ୍ରଦାନ କରିଥିଲେ । ମଣ୍ଡେଇ ଅବସରରେ ଓର୍‌ମାସ ପକ୍ଷରୁ ୫

ଦିନିଆ ସ୍ୱଦେଶୀ ମେଳା ଆରମ୍ଭ ହୋଇଥିବା ବେଳେ ୪୦୦ଟି ମଣ୍ଡପ ଖୋଲାଯାଇଛି ।

## ତୀର୍ଥଯାତ୍ରା

ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ଆଜି ନବରଙ୍ଗପୁର ଜିଲ୍ଲାର ୧୪୪ ଜଣ ଓ କଳାହାଣ୍ଡି ଜିଲ୍ଲାର ୧୮୭ ଜଣ ବରିଷ୍ଠ ନାଗରିକ ରାମେଶ୍ୱରମ୍ ଓ ମଦୁରାଇ ଯାତ୍ରା କରିବେ । ଗତକାଲି ସଂପୃକ୍ତ ନାଗରିକମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ସେମାନଙ୍କୁ ରାୟଗଡ଼ା ରେଳଷ୍ଟେସନକୁ ନିଆଯାଇଥିଲା । ସେମାନଙ୍କ ସହ ଉଭୟ ଜିଲ୍ଲା ପ୍ରଶାସନର ୧୧ ଜଣ ଅଧିକାରୀ ଯାତ୍ରା କରୁଥିବା ଜଣାପଡ଼ିଛି ।

## ବ୍ୟାଡମିଣ୍ଟନ

କଟକସ୍ଥିତ ଜବାହରଲାଲ୍ ନେହରୁ ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ଅନ୍ତର୍ଜାତୀୟ ବ୍ୟାଡମିଣ୍ଟନ ପ୍ରତିଯୋଗିତା ଓଡ଼ିଶା ମାଷ୍ଟର୍ସ ୨୦୨୫ ଉଦ୍‌ଯାପିତ ହୋଇଛି । ପୁରୁଷ ବର୍ଗରେ ଭାରତର କିରନ୍ ଜର୍ଜ ଓ ମହିଳା ବର୍ଗରେ ଉନ୍ନତି ହୁଡା ଚମ୍ପିୟାନ୍ ହୋଇଛନ୍ତି । ମିକ୍ସଡ ଡବଲ୍‌ସରେ ଇଣ୍ଡୋନେସିଆ ଯୋଡ଼ି ଓ ପୁରୁଷ ଡବଲ୍‌ସରେ ମାଲେସିଆ ଯୋଡ଼ି ବିଜୟଲାଭ କରିଛନ୍ତି । ଚମ୍ପିୟାନ୍ ଓ ରନର୍ସଅପ୍ ଖେଳାଳିଙ୍କୁ ଟ୍ରଫି ଓ ପୁରସ୍କାର ପ୍ରଦାନ କରାଯାଇଛି ।

# ବିଚ୍ ଭଲିବଲ୍

କେନ୍ଦ୍ରାପଡ଼ା ଜିଲ୍ଲା ରାମନଗର ବ୍ଲକ ଅନ୍ତର୍ଗତ ପେଣ୍ଠ ସାମୁଦ୍ରିକ ବେଳାଭୂମିରେ ୬୯ତମ ୧୭ବର୍ଷରୁ କମ୍ ରାଜ୍ୟସ୍ତରୀୟ ବିଦ୍ୟାଳୟ କ୍ରୀଡ଼ା ସମୂହ ବିଚ୍ ଭଲିବଲ୍ ପ୍ରତିଯୋଗିତା ଆରମ୍ଭ ହୋଇଛି । ପ୍ରତିଯୋଗିତାରେ ରାଜ୍ୟର ୨୪ଟି ଜିଲ୍ଲାରୁ ୧୭୬ ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଛନ୍ତି ।

# ଶୀତ-ତାପମାତ୍ରା

ରାଜ୍ୟରେ ଶୀତର ପ୍ରଭାବ ଜାରି ରହିଛି । ଅଧିକାଂଶ ସ୍ଥାନରେ ରାତି ତାପମାତ୍ରା ହ୍ରାସ ପାଉଥିବା ଜଣାପଡିଛି । ଘୁମୁସର ଉଦୟଗିରି, ସେମିଳିଗୁଡା, ଦାରିଙ୍ଗିବାଡି ଏବଂ ଫୁଲବାଣୀ ଅଞ୍ଚଳରେ ଗତ ୨ ସପ୍ତାହ ହେବ ଶୀତର ପ୍ରକୋପ ଅଧିକ ଅନୁଭୂତ ହେଉଛି । ଆଞ୍ଚଳିକ ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ଆସନ୍ତା ୬ରୁ ୭ ଦିନ ପର୍ଯ୍ୟନ୍ତ ଏହିଭଳି ଶୀତର ପ୍ରକୋପ ଜାରି ରହିବ ।